بسم الله الرحمٰن الرحيم

ଖୁତବା ଜୁମା ୦୧ ଫେବୃୟାରୀ ୨୦୧୯ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

# ***ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା  ସଂପନ୍ନ ବଦରୀ ସାହାବି ହଜ଼ରତ୍ ଅବୁ ହୁଜ଼ୈଫା ବିନ୍ ଉତବା ର.ଅଙ୍କର ବିଶ୍ୱାସବର୍ଦ୍ଧକ, ହୃଦୟଦ୍ରାବୀ ତଥା ମନୁସ୍ମକର ଚର୍ଚ୍ଚା ।***

ତଶହୁଦ୍, ତଉଜ଼୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜ଼ୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଆଜି ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଲା ହଜ଼ରତ୍ ଅବୁ ହୁଜ଼ୈଫା ବିନ୍ ଉତବା ର.ଅ । ସେ ଦୀର୍ଘ ଉଚ୍ଚତା ବିଶିଷ୍ଟ ଏବଂ ସୌନ୍ଦର୍ଯ୍ୟ ରୂପର ଅଧିକାରୀ ଥିଲେ । ଆଁହଜ଼ରତ୍ ସ.ଅଙ୍କ ଦାରେ ଅରକ଼ମ୍ ଠାରେ ପ୍ରବେଶ କରିବା ପୂର୍ବରୁ ସେ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ପ୍ରାରମ୍ଭିକ ବିଶ୍ୱାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ତତ୍ ସଂକ୍ରାନ୍ତୀୟ ଘଟଣାବଳୀର ଚର୍ଚ୍ଚା କରି ହଜ଼ରତ୍ ମିର୍ଜ଼ା ବଶୀର୍ ଅହମଦ୍ ସାହେବ୍ ଉଲ୍ଲେଖ କରିଛନ୍ତି ଯେ, ଅବୁ ହୁଜ଼ୈଫା ବିନ ଅତବା ବନି ଉମଇୟା ସଂପ୍ରଦାୟଭୁକ୍ତ ଥିଲେ । ତାଙ୍କ ପିତାଙ୍କ ନାମ ଉତବା ବିନ୍ ରବିୟାହ୍ ଥିଲା । ସେ କୁରୈଶର ଅଧିପତି ଥିଲେ । ହଜ଼ରତ୍ ଅବୁ ହୁଜ଼ୈଫା ର.ଅ ହବଶା ଆଡ଼କୁ ଦୁଇଥର ପ୍ରାବସ କରିବାରେ ସଫଳ ହୋଇଥିଲେ ଏବଂ ତାଙ୍କର ପତ୍ନୀ ହଜ଼ରତ୍ ସହଲା ବିନତ୍ ସହଲ୍ ମଧ୍ୟ ତାଙ୍କ ସହିତ ପ୍ରବାସ କରିଥିଲେ । ଯେତେବେଳେ ମୁସଲମାନ୍ ଦୁଃଖ ଯନ୍ତ୍ରଣାର ସୀମା ଲଂଘି ଯାଇଥିଲା ଏବଂ କୁରୈଶ ମୁସଲମାନମାନଙ୍କ ଉପରେ ନିଜର ଅନ୍ୟାୟ ଓ ଅତ୍ୟାଚାର କରିବାରେ ସୀମାରେ ଟପି ଯାଇଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ ମୁସଲମାନମାନଙ୍କୁ କହିଲେ ଯେ, ସେମାନେ ହବଶା ଆଡ଼କୁ ପ୍ରବାସ କରି ଯାଆନ୍ତୁ ଏବଂ ହୁଜ଼ୁର୍ ସ.ଅ କହିଲେ ଯେ, ହବଶାର ରାଜା ଅତ୍ୟନ୍ତ ନ୍ୟାୟପ୍ରିୟ ତଥା ନୀତିନିଷ୍ଠ ବ୍ୟକ୍ତି ଅଟନ୍ତି । ତାଙ୍କ ଶାସନରେ କୌଣସି ବ୍ୟକ୍ତି ଉପରେ ଅନ୍ୟାୟ, ଅତ୍ୟାଚାର କରାଯାଏ ନାହିଁ । ଯେତେବେଳେ କୁଫ୍ଫାରମାନଙ୍କର ଅତ୍ୟାଚାର ଓ ବର୍ବରତାର ସୀମା ଲଂଘିଯାଇଥିଲା ସେତେବେଳେ ହୁଜ଼ୁର୍ ସ.ଅ ମୁସଲମାନମାନଙ୍କୁ କହିଲେ ଯେ, ଯେଉଁ ବ୍ୟକ୍ତିଙ୍କ ପକ୍ଷରେ ହବଶା ଆଡ଼କୁ ପ୍ରବାସ କରିବା ସମ୍ଭବ ସେମାନେ ହବଶା ଦେଶକୁ ପ୍ରାବସ କରିଯାଆନ୍ତୁ । ସୁତରାଂ ଆଁହଜ଼ରତ୍ ସ.ଅଙ୍କ କହିବା ଅନୁସାରେ ନବୱି ମାସ ୫ ତାରିଖରେ ଯେଉଁ ୧୧ ଜଣ ପୁରୁଷ ଓ ୪ ଜଣ ମହିଳାମାନ ହବଶା ଆଡ଼କୁ ପ୍ରବାସ କଲେ ତନ୍ମଧ୍ୟରୁ ହଜ଼ରତ୍ ଅବୁ ହୁଜ଼ୈଫା ବିନ୍ ଉତବା ମଧ୍ୟ ଥିଲେ । ଯାହାଙ୍କର ଚର୍ଚ୍ଚା ହେଉଅଛି । ଯେତେବେଳେ ଏହି ପ୍ରବାସକାରୀମାନେ ଦକ୍ଷିଣ ଦିଗ ଆଡ଼କୁ ଯାତ୍ରା କରି ଶୁଐବା ନାମକ ସ୍ଥାନରେ ପହଞ୍ଚିଥିଲେ । ଯାହାକି ତତ୍କାଳୀନ ଆରବବାସୀଙ୍କର ବନ୍ଦର ଥିଲା । ଅଲ୍ଲାଃତାଲାଙ୍କ କୃପାରୁ ସେହି ପ୍ରବାସକାରୀମାନଙ୍କୁ ଏକ ବ୍ୟବସାୟିକ ଜାହାଜ ମିଳିଗଲା ଯାହାକି ହବଶା ଅଭିମୁଖେ ଯିବା ନିମନ୍ତେ ସଂପୂର୍ଣ୍ଣ ପ୍ରସ୍ତୁତ ଥିଲା । ସୁତରାଂ ଏହି ପ୍ରବାସକାରୀମାନେ ସେହି ଜାହାଜରେ ଆରୋହଣ ହୋଇଗଲେ । ହବଶା ଠାରେ ପହଞ୍ଚି ସେହି ମୁସଲମାନମାନଙ୍କୁ ଅତ୍ୟନ୍ତ ଆଶ୍ୱସ୍ତି ଓ ଶାନ୍ତିର ଜୀବନଯାପନ କରିବା ପାଇଁ ସୌଭାଗ୍ୟ ପ୍ରାପ୍ତ ହେଲା ଏବଂ ସେମାନେ ଈଶ୍ୱରଙ୍କ ନାମ ଜପ କରି ଏହି ଅତ୍ୟାଚାରରୁ ମୁକ୍ତି ପାଇଲେ । କିନ୍ତୁ କେତେକ ଐତିହାସିକ ଏହା ଉଲ୍ଲଖ କରନ୍ତି ଯେ, ବର୍ତ୍ତମାନ ସେହି ପ୍ରବାସକାରୀଙ୍କୁ ହବଶା ଯିବାକୁ ବେଶୀ ଦିନ ବିତି ନଥିଲାକି ସେହି ପ୍ରବାସକାରୀଙ୍କୁ ଏହି ମିଥ୍ୟା ଖବର ମିଳିଲା ଯେ, ସମସ୍ତ କୁରୈଶମାନେ ମୁସଲମାନ ହୋଇଯାଇଛନ୍ତି ଏବଂ ମକ୍କାରେ ବର୍ତ୍ତମାନ ପୂର୍ଣ୍ଣ ଶାନ୍ତି ଫେରିଆସିଛି । ଏହି ମିଥ୍ୟା ଖବରର ପ୍ରଚାର ଫଳରେ ଅନେକ ପ୍ରବାସକାରୀ କିଛି ଚିନ୍ତା ନକରି ମକ୍କାକୁ ଫେରି ଆସିଲେ ।

କିନ୍ତୁ ଯେତବେଳେ ସେହି ପ୍ରବାସକାରୀମାନେ ମକ୍କା ଠାରେ ପହଞ୍ଚିଥିଲେ ସେତେବେଳେ ସେମାନେ ଘଟଣାର ସତ୍ୟାସତ୍ୟ ସଂପର୍କରେ ଅବଗତ ହୋଇଥିଲେ । ଯାହାଫଳରେ କି କେତେକ ପ୍ରବାସକାରୀମାନେ ତ’ ଲୁଚିଲୁଚି ଓ ଆଉ କେତେକ ପ୍ରବାସକାରୀମାନେ କୌଣସି ପ୍ରତିଷ୍ଠିତ କୁରୈଶମାନଙ୍କ ଛତ୍ରଛାୟା ଆଳରେ ମକ୍କାକୁ ଆସିଗଲେ ଏବଂ ଆଉ କେତେକ ପ୍ରବାସକାରୀମାନେ ହବଶା ଫେରିଗଲେ । ସେ ଯାହାହେଉ ଅଲ୍ଲାଃତାଲା ହିଁ ସର୍ବଶ୍ରେଷ୍ଠ, ସର୍ବଜ୍ଞ । ସେ ଯାହାହେଉ ନା କାହିଁକି ଯଦି ସେହି ହବଶାକୁ ପ୍ରବାସ କରିଥିବା ପ୍ରବାସକାରୀମାନେ ମକ୍କାକୁ ପ୍ରତ୍ୟାବର୍ତ୍ତନ କରିଥିଲେ ବି ସେମାନଙ୍କ ମଧ୍ୟରୁ ଅନେକ ପୁନର୍ବାର ହବଶାକୁ ଫେରିଯାଇଥିଲେ । କୁରୈଶମାନେ ଦିନକୁ ଦିନ ନିଜର ଅନ୍ୟାୟ ଓ ଅତ୍ୟାଚାରରେ ସୀମା ଲଂଘି ଚାଲିଥିଲେ । ସେହି

କାରଣରୁ ଆଁହଜ଼ରତ୍ ସ.ଅଙ୍କ ଆଦେଶକ୍ରମେ ଅନ୍ୟ ମୁସଲମାନମାନେ ମଧ୍ୟ ଲୁଚିଲୁଚି ପ୍ରବାସ କରିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ ଏବଂ ସୁଯୋଗ ଦେଖି ଧୀରେଧୀରେ ମକ୍କାରୁ ବାହାରିଗଲେ । ସୁତରାଂ ଏହି ପ୍ରବାସ କରିବା ପର୍ଯ୍ୟାୟ ଏପରି ଆରମ୍ଭ ହେଲା ଯେ, ପରିଶେଷରେ ସେହି ପ୍ରବାସକାରୀମାନଙ୍କ ସଂଖ୍ୟା ୧୦୦ ପର୍ଯ୍ୟନ୍ତ ପହଞ୍ଚଯାଇଥିଲା । ଯହିଁରେ ୧୮ ଜଣ ମହିଳା ଥିଲେ ଏବଂ ମକ୍କାରେ ଆଁହଜ଼ରତ୍ ସ.ଅଙ୍କ ନିକଟରେ ଖୁବ୍ କମ୍ ମୁସଲମାନ ରହିଯାଇଥିଲେ । ସେହି ପ୍ରବାସକୁ କେତେକ ଐତିହାସିକ ହିଜରତେ ହବଶା ସାନିୟା (ଦ୍ଵିତୀୟ) ନାମରେ ଅଭିହିତ କରିଥାଆନ୍ତି । ସୁତରାଂ ଯେତେବେଳେ ମଦିନା ଆଡ଼କୁ ପ୍ରବାସ କରିବା ପାଇଁ ଅନୁମତି ମିଳିଲା ସେତେବେଳେ ଅବୁ ହୁଜ଼ୈଫା ର.ଅ ଏବଂ ହଜ଼ରତ୍ ସାଲିମ୍ ଯିଏ ହୁଜ଼ୈଫାଙ୍କର ସ୍ଵାଧୀନ ହୋଇଥିବା ଦାସ ଥିଲେ । ଉଭୟେ ମଦିନାକୁ ପ୍ରବାସ କଲେ । ଉଭୟେ ସାହାବି ହଜ଼ରତ୍ ଉବ୍ବାଦ୍ ବିନ୍ ବଶରଙ୍କ ଘରେ ଆତିଥ୍ୟତା ଗ୍ରହଣ କରିଥିଲେ । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଅବୁ ହୁଜ଼ୈଫା ଏବଂ ହଜ଼ରତ୍ ଉବ୍ବାଦ୍ ବିନ୍ ବଶରଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ । ହଜ଼ରତ୍ ଅବୁ ହୁଜ଼ୈଫା ଓ ହଜ଼ରତ୍ ଅବ୍ଦୁଲ୍ଲାଃ ବିନ୍ ହଜଶ୍ ର.ଅ ମଧ୍ୟ ସରିୟାହ୍ (କ୍ଷୁଦ୍ର ଯୁଦ୍ଧ)ରେ ଶାମିଲ୍ ହୋଇଥିଲେ । ଏହି ସରିୟାହ୍ ଯାହାକି ଅବ୍ଦୁଲ୍ଲାଃ ବିନ୍ ହଜଶଙ୍କର ଥିଲା ତାହାର ସଂପୂର୍ଣ୍ଣ ବିବରଣୀ ଏହିପରି ଅଟେ ଯେ, ମକ୍କାର ଜଣେ ପ୍ରତିଷ୍ଠିତ ବ୍ୟକ୍ତି କର୍ଜ଼୍ ବନି ଜାବିର୍ ବିନ୍ ଫହରି କୁରୈଶର ଏକ ସୈନ୍ୟଦଳ ସହିତ ବୀରତ୍ଵ ଓ ଚତୁରତାର ସହିତ ମଦିନାର ଚାରଣଭୂମି ଉପରେ ଯାହାକି ସହର ଠାରୁ ମାତ୍ର ତିନି ମାଇଲ୍ ଦୂରରେ ଅବସ୍ଥିତ ଥିଲା । ହଠାତ୍ ଆକ୍ରମଣ କଲା ଏବଂ ମୁସଲମାନମାନଙ୍କର ଓଟ ପଶୁ ଇତ୍ୟାଦିକୁ ଲୁଣ୍ଠନ କରି ନେଇଗଲା । ଯେତେବେଳେ ଆଁହଜ଼ରତ୍ ସ.ଅଙ୍କୁ ଏହି ସୂଚନା ପ୍ରାପ୍ତ ହେଲା ସେତେବେଳେ ଆଁହଜ଼ରତ୍ ସ.ଅ ଶୀଘ୍ର ଜ଼ୈଦ୍ ବିନ୍ ହାରିସାଙ୍କୁ ଅମିର୍ ରୂପେ ନିଯୁକ୍ତ କରି ଏବଂ ପ୍ରବାସକାରୀଙ୍କ ଏକ ଦଳକୁ ସାଙ୍ଗରେ ଧରି ସଫୱାନ୍ ନାମକ ସ୍ଥାନ ପର୍ଯ୍ୟନ୍ତ ତାହାର ପିଛା କଲେ । ସେହି ସଫୱାନ୍ ସ୍ଥଳ ବଦର୍ ନିକବର୍ତ୍ତୀ ଏକ ସ୍ଥାନ ଅଟେ ସେହି ପର୍ଯ୍ୟନ୍ତ ପିଛା କଲେ । କିନ୍ତୁ ସେ ଜୀବିତ ଖସି ପଳାଇଲା । ଏହି ଯୁଦ୍ଧକୁ ବଦରୁଲ୍ ଊଲା ମଧ୍ୟ କୁହାଯାଏ । କର୍ଜ଼୍ ବିନ୍ ଜାବିରର ଏହି ଆକ୍ରମଣ କେବଳ ଏକ ସାଧାରଣ ଓ ଗାଉଁଲି ଶୈଳୀର ବୀଭତ୍ସ ହତ୍ୟାକାଣ୍ଡ ନଥିଲା । ବରଂ ତାହା କୁରୈଶମାନଙ୍କ ତରଫରୁ ମୁସଲମାନମାନଙ୍କ ବିରୁଦ୍ଧରେ ବିଶେଷ ଉଦ୍ଦେଶ୍ୟକୁ ଭିତ୍ତିକରି ଏପରି ଷଡ଼ଯନ୍ତ୍ର ଥିଲା ଏବଂ କର୍ଜ଼୍ ବିନ୍ ଜାବିରର ଉଦ୍ଦେଶ୍ୟ ବିଶେଷକରି ଆଁହଜ଼ରତ୍ ସ.ଅଙ୍କୁ କ୍ଷତି ପହଞ୍ଚାଇବାର ଥିଲା । କିନ୍ତୁ ମୁସଲମାନମାନଙ୍କୁ ହୁଶିୟାର୍ ଦେଖି ସେ ମୁସଲମାନମାନଙ୍କର ଓଟ ଚୋରି କରି ଖସି ପଳାଇଗଲା । ସୁତରାଂ ଏଥିରୁ ସ୍ପଷ୍ଟ ପ୍ରତିତ ହୁଏ ଯେ, ମକ୍କାର କୁରୈଶମାନେ ଏହା ସ୍ଥିର କରିସାରିଥିଲେ ଯେ, ମଦିନାରେ ଚଢଉ କରି କରି ମୁସଲମାନମାନଙ୍କୁ ଧ୍ଵସ୍ତ ବିଧ୍ଵସ୍ତ କରିଦିଆଯାଉ । କର୍ଜ଼୍ ବିନ୍ ଜାବିରର ହଠାତ୍ ଆକ୍ରମଣ କରିବାଟା ମୁସଲମାନମାନଙ୍କ ମନ ଭିତରେ ଏକ କୋକୁଆ ଭୟ ସୃଷ୍ଟି କରିଦେଇଥିଲା । କାରଣ ମକ୍କାର ଅଧିପତିମାନଙ୍କର ପୂର୍ବରୁ ଏହି ଚେତାବନୀଟି ଥିଲା ଯେ, ଆମେମାନେ ମଦିନାରେ ମଧ୍ୟ ଆକ୍ରମଣ କରିବୁ ଏବଂ ମୁସଲମାନମାନଙ୍କୁ ଧ୍ଵସ୍ତବିଧ୍ଵସ୍ତ କରିପକାଇବୁ । ଏହି କାରଣରୁ ମୁସଲମାନମାନେ ଅତ୍ୟନ୍ତ ଚିନ୍ତିତ ହୋଇଥିଲେ ଏବଂ ଏହି ଭୟଙ୍କର ବିପଦକୁ ଆଖି ଆଗରେ ରଖି ଆଁହଜ଼ରତ୍ ସ.ଅ ଏହା ସ୍ଥିର କଲେ ଯେ, କୁରୈଶମାନଙ୍କର ଗତିବିଧି ଉପରେ ନିକଟତର ହୋଇ ତୀକ୍ଷଣ ଦୃଷ୍ଟି ରଖି ତଥ୍ୟ ସଂଗ୍ରହ କରିବା ଉଚିତ୍ । ସୁତରାଂ ଏହି କାର୍ଯ୍ୟ ପାଇଁ ହୁଜୁର୍ ସ.ଅ ପ୍ରବାସାକୀରଙ୍କ ଆଠ ଜଣ ବିଶିଷ୍ଟ ଏକ ଦଳ ପ୍ରସ୍ତୁତ କଲେ ଏବଂ ସାବଧାନ ନୀତିପୂର୍ବକ ସେହି ଦଳରେ ଏପରି ଲୋକଙ୍କୁ ନିୟୋଜିତ କରିଥିଲେ ଯେଉଁମାନେ କୁରୈଶ ସଂପ୍ରଦାୟଭୁକ୍ତ ଥିଲେ । କାରଣ କୁରୈଶମାନଙ୍କର ଗୁପ୍ତ ରଣନୀତି ଓ ଗତିବିଧି ସଂପର୍କରେ ସମ୍ବାଦ ସଂଗ୍ରହ କରିବା ସହଜ ହେଉ ଏବଂ ସେହି ଦଳର ନେତୃତ୍ଵ ଓ ଦାୟୀତ୍ଵଭାର ଆଁହଜ଼ରତ୍ ସ.ଅ ନିଜର ପିଉସୀ ପୁତ୍ର ଭାଇଙ୍କ ଉପରେ ନ୍ୟସ୍ତ କରିଥିଲେ । ଏହି ଦଳରେ ହୁଜ଼ୈଫା ବିନ୍ ଉତବା ମଧ୍ୟ ଅନ୍ତର୍ଭୁକ୍ତ ଥିଲେ ।

ମଦିନାରୁ ଦୁଇ ଦିନର ଯାତ୍ରା କରିବା ପରେ ଆଁହଜ଼ରତ୍ ସ.ଅଙ୍କର ଆଦେଶାନୁକ୍ରମେ ୮ ଜଣ ସଦସ୍ୟ ବିଶିଷ୍ଟ ଏକ ସଂପ୍ରଦାୟ ମକ୍କା ଏବଂ ତାଏଫର ମଧ୍ୟବର୍ତ୍ତୀ ସ୍ଥିତ ୱାଦିଏ ନଖଲା ନାମକ ସ୍ଥାନ ଅଭିମୁଖେ ବାହାରିଲେ । ବାଟରେ ସାଆଦ୍ ବିନ୍ ଅବି ୱକ୍କାସ୍ ଏବଂ ଉତବା ବିନ୍ ଗଜ଼ୱାନ ର.ଅଙ୍କର ଓଟ ହଜିଗଲା ଏବଂ ସେମାନେ ସେହି ଓଟର ସନ୍ଧାନ କରୁ କରୁ ନିଜର ସାଥୀମାନଙ୍କ ଠାରୁ ଦୂରେଇଯାଇଥିଲେ ଏବଂ ସେମାନଙ୍କୁ ଅନେକ ସନ୍ଧାନ କରିବା ସତ୍ତ୍ୱେବି ତାଙ୍କର ପତା ମିଳିନଥିଲା। ବର୍ତ୍ତମାନ ଏହି ଦଳରେ କେବଳ ୬ ଜଣ ସଦସ୍ୟ ରହିଯାଇଥିଲେ । ମୁସଲମାନମାନଙ୍କର ଏହି କ୍ଷୁଦ୍ର ସଂପ୍ରଦାୟ ନଖଲା ଠାରେ ପହଞ୍ଚି ନିଜ ନିଜ କାର୍ଯ୍ୟରେ ମଗ୍ନ ହୋଇଗଲେ । ସେମାନଙ୍କ ମଧ୍ୟରୁ କେତେକ ରହସ୍ୟକୁ ଗୁପ୍ତ ରଖିବା ଲାଗି ନିଜ ନିଜର କେଶ ମୁଣ୍ଡନ କଲେ । କାରଣ ପଥରେ ଯାଅ ଆସ କରୁଥିବା ଲୋକମାନଙ୍କୁ ଯେପରି ଏହା ଅନୁଭୂତ ହେଉ ଯେ, ଏହି ଲୋକମାନେ ମଧ୍ୟ ଉମରା କରିବା

ପାଇଁ ଯାଉଛନ୍ତି । ବର୍ତ୍ତମାନ ସଂପ୍ରଦାୟକୁ ସେଠାରେ ପହଞ୍ଚିବାର ଅଧିକ ସମୟ ହୋଇ ନଥିଲା କି ହଠାତ୍ ସେଠାରେ କୁରୈଶର ଏକ କ୍ଷୁଦ୍ରଗୋଷ୍ଠୀ ମଧ୍ୟ ଆସିଗଲା । ଯାହାକି ତାଏଫରୁ ମକ୍କା ଅଭିମୁଖେ ଯାଉଥିଲା ଏବଂ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ସେହି କୁଫ୍ଫାରମାନଙ୍କୁ ଏହା ଜଣାପଡ଼ିଗଲା ଯେ, ଏମାନେ ସମସ୍ତେ ମୁସଲମାନ ଅଟନ୍ତି । ତେଣୁ ଉକ୍ତ କୁଫ୍ଫାରମାନେ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ସ୍ଥିର କଲେ । ମୁସଲମାନମାନେ ପରସ୍ପର ସହିତ ଆଲୋଚନା କଲେ ଯେ, ବର୍ତ୍ତମାନ କ'ଣ କରିବା ଉଚିତ୍ ? କାରଣ ଆଁହଜ଼ରତ୍ ସ.ଅ ତ' ଏହି ୮ ଜଣ ସଦସ୍ୟ ବିଶିଷ୍ଟ ଦଳକୁ ଗୁପ୍ତ ସୂଚନା ଆଣିବା ପାଇଁ ପ୍ରେରିତ କରିଥିଲେ । କିନ୍ତୁ ଅନ୍ୟପକ୍ଷରେ କୁରୈଶମାନଙ୍କ ସହିତ ଯୁଦ୍ଧ ଆରମ୍ଭ ହୋଇସାରିଥିଲା ଏବଂ ବର୍ତ୍ତମାନ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ । ତେବେ ପୁନଶ୍ଚ ଏହି ସ୍ୱତଃସ୍ଫୂର୍ତ୍ତ ଏହି ଆଶଙ୍କା ମଧ୍ୟ ରହିଥିଲା ଯେ, ବର୍ତ୍ତମାନ ତ' କୁରୈଶର ଏହି ଗୋଷ୍ଠୀମାନେ ମୁସଲମାନ ଗୋଷ୍ଠୀକୁ ଦେଖି ନେଇଛନ୍ତି । ତେବେ ଏହି ବାର୍ତ୍ତା ପ୍ରେରଣର ରହସ୍ୟଟି ମଧ୍ୟ ଆଉ ଲୁକ୍କାୟିତ ହୋଇ ରହିପାରିବ ନାହିଁ । ଗୋଟିଏ ସମୟରେ ପରିସ୍ଥିତି ଏମତି ଥିଲା ଯେ, କେତେକ ମୁସଲମାନମାନଙ୍କୁ ଏହା ମନେ ହେଉଥିଲା ଯେ, ବୋଧ ହୁଏ ଏହି ମାସଟି ପବିତ୍ର ଓ ଯୁଦ୍ଧ ନିଷିଦ୍ଧ ଅଟେ ଏବଂ ଶେଷ ପର୍ଯ୍ୟାୟଟି ଜାରି ରହିଛି ଯହିଁରେ ଆରବବାସୀଙ୍କ ପ୍ରାଚୀନ ପ୍ରଥାନୁଯାୟୀ ଯୁଦ୍ଧ କରିବା ନିଷିଦ୍ଧ ଓ ବର୍ଜନୀୟ ଅଟେ । ଅନ୍ୟ ପଟରେ ନଖଲାର ୱାଦି ମଧ୍ୟ ଠିକ୍ ହରମ୍ ଅଞ୍ଚଳର ସୀମାବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିଲା। ଏହି ୬ ଜଣ ମୁସଲମାନମାନେ ନିଷ୍ପତ୍ତି ନେଲେ ଯେ, ସେହି ଗୋଷ୍ଠୀ ଉପରେ ଆକ୍ରମଣ କରି କୁଫ୍ଫାର୍ ଗୋଷ୍ଠୀକୁ ବନ୍ଦୀ କରିଦିଆଯାଉ ନଚେତ୍ ମାରିଦିଆଯାଉ । ସୁତରାଂ ମୁସଲମାନମାନେ ଅଲ୍ଲାଃତାଲାଙ୍କ ନାମ ନେଇ କୁଫ୍ଫାରମାନଙ୍କ ଉପରକୁ ଆକ୍ରମଣ କରିଦେଲେ । ଯାହାଫଳରେ କୁଫ୍ଫାରର ଜନୈକ ବ୍ୟକ୍ତି ଅମ୍ର ବିନ୍ ଅଲ୍-ହଜ଼ରୀ ନିହତ ହେଲା ଏବଂ ଅନ୍ୟ ୨ ଜଣ ବ୍ୟକ୍ତି ବନ୍ଦୀ ହେଲେ । କିନ୍ତୁ ଚତୁର୍ଥ ବ୍ୟକ୍ତି ଜଣକ ଖସି ପଳାଇବାରେ ସଫଳ ହୋଇଥିଲା ଏବଂ ମୁସଲମାନମାନେ ତାକୁ ଧରିପାରିଲେ ନାହିଁ । ଏହିପରିଭାବେ ଏହି ମୁସଲମାନ ଗୋଷ୍ଠୀଙ୍କର ଯେଉଁ ଯୋଜନଟି ଥିଲା ଯେ, କୁଫ୍ଫାରମାନଙ୍କୁ ବନ୍ଦୀ କରିଦିଆଯାଉ ନଚେତ୍ ନିହତ କରିଦିଆଯାଉ ସଫଳ ହେବା ଅସଂପୂର୍ଣ୍ଣ ରହିଗଲା । ଏହାପରେ ମୁସଲମାନମାନେ କୁଫ୍ଫାରମାନଙ୍କର ଜିନିଷପତ୍ର ଉପରେ ଅଧିକାର କଲେ ଏବଂ କୁରୈଶ ଗୋଷ୍ଠୀର ଜଣେ ବ୍ୟକ୍ତି ଜୀବିତ ଖସି ପଳାଇଥିଲା ଏବଂ ମୁସଲମାନମାନଙ୍କର ଏହି ବିଶ୍ୱାସ ଥିଲା ଯେ, ଏହି ଯୁଦ୍ଧ ସଂପର୍କିତ ଖବର ଶୀଘ୍ର ମକ୍କା ପହଞ୍ଚିଯିବ । ସେହି କାରଣରୁ ଅବ୍ଦୁଲ୍ଲାଃ ବିନ ହଜଶ୍ ର.ଅ ଏବଂ ତାଙ୍କର ଅନ୍ୟ ସାଥୀମାନେ ମାଲେ ଗନିମତ୍ ନେଇ ସେଠାରୁ ଶୀଘ୍ର ଶୀଘ୍ର ଫେରି ଆସିଲେ ।

ଯେତେବେଳେ ଆଁହଜ଼ରତ୍ ସ.ଅଙ୍କୁ ଏହା ଜ୍ଞାତ ହେଲା ଯେ, ସାହାବାମାନେ କୁଫ୍ଫାରମାନଙ୍କ ଉପରକୁ ଆକ୍ରମଣ କରିଛନ୍ତି ସେତେବେଳେ ହୁଜୁର୍ ସ.ଅ ବହୁତ କ୍ଷୁବ୍ଧ ହେଲେ ଏବଂ କହିଲେ ଯେ, ମୁଁ ତୁମମାନଙ୍କୁ ପବିତ୍ର ମାସରେ ଯୁଦ୍ଧ କରିବା ପାଇଁ ଅନୁମତି ପ୍ରଦାନ କରି ନାହିଁ । ପୁନଶ୍ଚ ହୁଜୁର୍ ସ.ଅ ମାଲେ ଗନିମତ ନେବାକୁ ମନା କରିଦେଲେ ଏବଂ କହିଲେ ମୁଁ ଏହି ମାଲେ ଗନିମତରୁ କିଛି ବି ନେବି ନାହିଁ । ଏହା ଶୁଣି ଅବ୍ଦୁଲ୍ଲାଃ ଏବଂ ତାଙ୍କର ସାଥୀମାନେ ଅତ୍ୟନ୍ତ ଲଜ୍ଜିତ ଓ ଅନୁତପ୍ତ ହେଲେ ଏବଂ ସେମାନେ ଏହା ମନେକଲେ ଯେ, ଆମ୍ଭେମାନେ ଅଲ୍ଲାଃତାଲା ଏବଂ ତାଙ୍କର ରସୁଲଙ୍କର ଅବମାନନା ଓ ଅବଜ୍ଞା କରିଥିବାରୁ ଆମ୍ଭମାନଙ୍କର ମୂଳୋତ୍ପାଟନ ତଥା ବିନାଶ ହେବ । ଅନ୍ୟପଟରେ କୁରୈଶମାନେ ମଧ୍ୟ ଉପଦ୍ରବ ତଥା ଅପପ୍ରଚାର କରିବାକୁ ଲାଗିଲେ ଯେ, ମୁସଲମାନମାନେ ନିଷିଦ୍ଧ ଓ ପବିତ୍ର ମାସର ପବିତ୍ରତାକୁ କ୍ଷୁର୍ଣ୍ଣ ତଥା ଶାନ୍ତି ଭଙ୍ଗ କରିଛନ୍ତି । ପରିଶେଷରେ କୁରାଆନ କରିମରେ ଏ ସଂକ୍ରାନ୍ତୀୟ ଅଲ୍ଲାଃତାଲାଙ୍କ ଐଶୀବାଣୀ ଅବତୀର୍ଣ୍ଣ ହେଲା । ଯାହାଫଳରେ କି ମୁସଲମାନମାନଙ୍କୁ ଆଶ୍ୱସ୍ତି ମିଳିଲା ।

ସୁତରାଂ ଇତିହାସରୁ ଏହା ପ୍ରମାଣିତ ଯେ, କୁରୈଶମାନେ ନିଜର କୁମନ୍ତ୍ରଣାମୂଳକ ଯୋଜନା ଓ ରକ୍ତାକ୍ତ ଯୋଜନାକୁ ନିରନ୍ତର ରୂପେ ଏହି ପବିତ୍ର ମାସରେ ମଧ୍ୟ ଜାରି ରଖୁଥିଲେ । ତେଣୁ ଏହି ଉତ୍ତରରୁ ଯାହାକି ଅଲ୍ଲାଃତାଲା କୁରାଆନ୍ କରିମରେ ଅବତୀର୍ଣ୍ଣ କରିଥିଲେ ମୁସଲମାନମାନଙ୍କୁ ଅବଶ୍ୟ ଆଶ୍ୱସ୍ତି ଓ ସାନ୍ତ୍ୱନା ମିଳିବାର ହିଁ ଥିଲା । ସୁତରାଂ କୁରୈଶମାନେ ମଧ୍ୟ ଏହି ଆୟତ ପ୍ରତି ନମନୀୟତା ପ୍ରକାଶ କଲେ । ମୁସଲମାନମାନେ ଯେଉଁ ୨ ଅମାନ୍ୟକାରୀଙ୍କୁ ବନ୍ଦୀ କରିଥିଲେ ଆଁହଜ଼ରତ୍ ସ.ଅ କୁଫ୍ଫାରମାନଙ୍କ ଠାରୁ ଦିୟତ (ବନ୍ଦୀକୁ ମୁକୁଳାଇବା ପାଇଁ କିଛି ଅର୍ଥରାଶି ଦିଆଯାଏ) ନେଇ ସେମାନଙ୍କୁ ମୁକ୍ତ କରିଦେଲେ । କିନ୍ତୁ ସେହି ଦୁଇ କୈଦୀଙ୍କ ମଧ୍ୟରୁ ଜଣେ ମଦିନାରେ ବସବାସ କରିବା ଅବଧିରେ ଆଁହଜ଼ରତ୍ ସ.ଅଙ୍କର ସର୍ବୋଚ୍ଚ ତଥା ଆଦର୍ଶ ଚରିତ୍ର ଏବଂ ଇସଲମୀୟ ଶିକ୍ଷାର ତା' ଉପରେ ଏତେ ଗଭୀର ପ୍ରଭାବ ପଡ଼ିଲା ଯେ, ସେ ମୁକ୍ତ ହୋଇ ଫେରିବାକୁ ମନା କରିଦେଲା ଏବଂ ଆଁହଜ଼ରତ୍ ସ.ଅଙ୍କ ପବିତ୍ର ହସ୍ତରେ ବୈଅତ୍ କରି ମୁସଲମାନ ଧର୍ମରେ ଦୀକ୍ଷିତ ହୋଇ ଆଁହଜ଼ରତ୍ ଓ ସାହାବମାନଙ୍କ ଗହଣରେ ଅନ୍ତର୍ଭୁକ୍ତ ହେଲେ ଏବଂ ପରିଶେଷରେ ବେଏରେ ମାଉନା ନାମକ ସ୍ଥାନରେ ବୀରଗତି ପ୍ରାପ୍ତ କରିଥିଲେ ଏବଂ ତାଙ୍କର ନାମ ହକମ୍

ବିନ୍ କୈସାନ୍ ଥିଲା । ହୁଜୁର୍ ଅନୱର୍ ଅ.ବ.ଅ କହିଲେ : ହଜ଼ରତ୍ ଅବୁ ହୁଜ୍ରୈଫା ର.ଅଙ୍କ ସଂପର୍କରେ ଏହା ଉଲ୍ଲିଖିତ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ ଯେ, ବଦର୍ ଯୁଦ୍ଧ ଦିନ ସେ ତାଙ୍କ ପିତାଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଆଗକୁ ବଢ଼ିଲେ । କାରଣ ତାଙ୍କର ପିତା ମୁସଲମାନ ନଥିଲେ, ସେ ଅମାନ୍ୟକାରୀମାନଙ୍କ ସହିତ ଯୁଦ୍ଧ କରିବାକୁ ଆସିଥିଲେ । ତେଣୁ ନବୀ କରିମ୍ ସ.ଅ ହଜ଼ରତ୍ ହୁଜ୍ରୈଫା ର.ଅଙ୍କୁ ଅଟକାଇ ଦେଇଥିଲେ ଏବଂ ହୁଜ୍ରୈଫାଙ୍କୁ କହିଲେ ଯେ, ନିଜ ବାପାଙ୍କୁ ଛାଡ଼ି ଦିଅ ! ଅର୍ଥାତ୍ ତାଙ୍କ ସହିତ ଯୁଦ୍ଧ କର ନାହିଁ । ଅନ୍ୟ ବ୍ୟକ୍ତି ତାଙ୍କୁ ବଦ୍ଧ କରିବ । ସୁତରାଂ ହୁଜ୍ରୈଫାଙ୍କର ପିତା, ଦାଦା ଏବଂ ଭାଇ ଓ ପୁତୁରା ସମସ୍ତେ ନିହତ ହେଲେ । ହଜ଼ରତ୍ ଅବୁ ହୁଜ୍ରୈଫା ଅତ୍ୟନ୍ତ ଧୈର୍ଯ୍ୟ ଓ ସାହାସିକତାର ପରିଚୟ ଦେଇଥିଲେ ଏବଂ ଅଲ୍ଲାଃତାଲାଙ୍କ ଭାଗ୍ୟ ଉପରେ ସହମତି ପ୍ରକାଶ କଲେ । ଯେଉଁ ବିଜୟ ଅଲ୍ଲାଃତାଲା ଆଁହଜ଼ରତ୍ ସ.ଅଙ୍କ ନିମନ୍ତେ ବହୁପୂର୍ବେ ନିୟତିକୃତ କରିଥିଲେ ଅର୍ଥାତ୍ ଆଁହଜ଼ରତ୍ ସ.ଅଙ୍କୁ ଏହି ଯୁଦ୍ଧରେ ବିଜୟ ପ୍ରାପ୍ତ ହେଲା । ଏହି ଘଟଣା ସଂପର୍କରେ ଅନ୍ୟ ଏକ ରିୱାୟତରେ ଏହିପରି ବର୍ଣ୍ଣିତ ଥିବାର ମଧ୍ୟ ଦେଖିବାକୁ ମିଳେ ଯେ, ଇବନେ ଅବ୍ବାସ୍ ବର୍ଣ୍ଣନା କରନ୍ତି ଯେ, ବଦର୍ ଯୁଦ୍ଧ ଦିନ ଆଁହଜ଼ରତ୍ ସ.ଅ କହିଲେ ଯେ, ଯଦି ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଅବ୍ବାସ୍ ସହିତ ମୁହାଁମୁହିଁ ହୁଏ ତେବେ ସେହି ବ୍ୟକ୍ତି ତାହାକୁ ବଦ୍ଧ ନକରୁ ! କାରଣ ସେମାନେ ବାଧ୍ୟବାଧକତା ଯୋଗୁଁ ବନ୍ଦୀ ହୋଇଯାଇଛନ୍ତି ତେଣୁ ତୁମେମାନେ ତାଙ୍କୁ ହତ୍ୟା ବା ବଦ୍ଧ କରିବ ନାହିଁ । ସୁତରାଂ ଯେତେବେଳେ ହୁଜ୍ରୈଫା ର.ଅ ଆଁହଜ଼ରତ୍ ସ.ଅଙ୍କର ଏହି କଥା ଶୁଣିଲେ ସେତେବେଳେ ପ୍ରତ୍ୟୁତ୍ତରରେ ହଜ଼ରତ୍ ଅବୁ ହୁଜ୍ରୈଫା ର.ଅ କହିଲେ ଯେ, ଆମ୍ଭେମାନେ ନିଜର ପିତା, ଭାଇମାନଙ୍କୁ ଏବଂ ଅନ୍ୟ ବନ୍ଧୁ ପରିଜନମାନଙ୍କୁ ବଦ୍ଧ କରିବୁ ହେଲେ ଅବ୍ବାସଙ୍କୁ ବଦ୍ଧ କରିବୁ ନାହିଁ । ତାଙ୍କୁ ଜୀବିତ ଛାଡ଼ି ଦେବୁ । ଏ କ'ଣ ହେଲା (ଅର୍ଥାତ୍ ଏ କି ନ୍ୟାୟ) ? ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ଯଦି ସେ ମୋ ସମ୍ମୁଖକୁ ଆସିବେ ତେବେ ମୁଁ ନିଶ୍ଚିତ ତାଙ୍କ ଉପରକୁ ଖଡ଼ଗ ସାହାଯ୍ୟରେ ଆକ୍ରମଣ କରିବି ଓ ତାଙ୍କୁ ବଦ୍ଧ କରିବି । ସୁତରାଂ ଯେତେବେଳେ ଏହି କଥାଟି ଆଁହଜ଼ରତ୍ ସ.ଅଙ୍କ କର୍ଣ୍ଣଗୋଚର ହେଲା ସେତେବେଳେ ହୁଜୁର୍ ସ.ଅ ହଜ଼ରତ୍ ଉମର୍ ର.ଅଙ୍କୁ କହିଲେ **ୟା ଅବା ହଫସ୍** ଅଲ୍ଲାଃଙ୍କ ରସୁଲଙ୍କ ଚଚା ଉପରକୁ ଖଡ଼ଗ ଦ୍ୱାରା ଆକ୍ରମଣ କରାଯିବ ! ପ୍ରତ୍ୟୁତ୍ତରରେ ହଜ଼ରତ୍ ଉମର୍ ର.ଅ କହିଲେ ହେ ରସୁଲୁଲ୍ଲାଃ ସ.ଅ ! ମୋତେ ଅନୁମତି ଦିଅନ୍ତୁ ଯେ, ମୁଁ ହୁଜ୍ରୈଫା ର.ଅଙ୍କର ଖଡ଼ଗ ସାହାଯ୍ୟରେ ତାଙ୍କର ସ୍କନ୍ଧଚ୍ୟୁତ କରିବି । ମୁଁ ଈଶ୍ୱରଙ୍କର ସପଥ କରି କହୁଛି ତାଙ୍କ ଠାରେ ବୈମନସ୍ୟ ବିଦ୍ୟମାନ ଅଛି । ଆଁଜ଼ରତ୍ ହଜ଼ରତ୍ ଉମର୍ ର.ଅଙ୍କୁ ଏପରି କରିବାକୁ ମନା କରିଦେଲେ । ହଜ଼ରତ୍ ଅବୁ ହୁଜ୍ରୈଫା କହୁଥିଲେ ଯେ, ମୁଁ ସେଦିନ ଏପରି କଥା କହିଥିବାରୁ ଏହାର କୁପରିଣତିରୁ ଆଉ ଶାନ୍ତିର ସହିତ ରହିପାରି ନଥାଆନ୍ତି । ଅର୍ଥାତ୍ ମୋର ବୀରଗତି ପ୍ରାପ୍ତ ଛଡ଼ା ଅନ୍ୟ କୌଣସି ଉପାୟ ମୋତେ ଏହି କୁପରିଣତିରୁ ବଞ୍ଚାଇ ପାରିବ ନାହିଁ । ବର୍ଣ୍ଣନାକାରୀ ଉଲ୍ଲେଖ କରନ୍ତି ଯେ, ହଜ଼ରତ୍ ହୁଜ୍ରୈଫା ର.ଅଙ୍କୁ ୟମାମା ଯୁଦ୍ଧ ଦିନ ବୀରଗତି ପ୍ରାପ୍ତ ହୋଇଥିଲା ।

ହଜ଼ରତ୍ ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ଈଶ୍ୱରଙ୍କ ସହିତ ସମକକ୍ଷକାରୀଙ୍କୁ, ନିହତ ହୋଇଥିବା ଲୋକମାନଙ୍କୁ ରସୁଲୁଲ୍ଲାଃ ସ.ଅ ଏକ ଗର୍ତ୍ତରେ ଫୋପାଡ଼ିବା ପାଇଁ ଆଦେଶ ଦେଲେ । ତେଣୁ ସାହାବାମାନେ ସେହି ନିହତ ହୋଇଥିବା ଲୋକମାନଙ୍କୁ ସେହି ଗର୍ତ୍ତ ମଧ୍ୟକୁ ଫିଙ୍ଗି ଦେଲେ । ତେବେ ହଜ଼ରତ୍ ଅବୁ ହୁଜ୍ରୈଫାଙ୍କ ମୁଖମଣ୍ଡଳରୁ ଅସନ୍ତୋଷର ଲକ୍ଷଣ ପ୍ରକାଶ୍ୟ ହେଉଥିଲା । କାରଣ ତାଙ୍କର ପିତାଙ୍କୁ ମଧ୍ୟ ସେହି ଗର୍ତ୍ତ ମଧ୍ୟକୁ ଫିଙ୍ଗା ଯାଉଥିଲା । ହୁଜୁର୍ ସ.ଅ ହଜ଼ରତ୍ ଅବୁ ହୁଜ୍ରୈଫା ର.ଅଙ୍କୁ କହିଲେ ଯେ, ହେ ଅବୁ ହୁଜ୍ରୈଫା ! ଈଶ୍ୱରଙ୍କର ଶପଥ କରି କହୁଛି ଯେ, ମୋତେ ଏପରି ପ୍ରତିତ ହେଉଛି ଯେ, ଯେପରି ତୁମେ ନିଜ ପିତାଙ୍କ ପ୍ରତି ଏପରି ଦୁର୍ବ୍ୟବହାର ହେଉଥିବାର ଦେଖି ତୁମକୁ ବହୁତ କଷ୍ଟ ଅନୁଭୂତ ହେଉଛି । ହଜ଼ରତ୍ ଅବୁ ହୁଜ୍ରୈଫା ର.ଅ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ ଈଶ୍ୱରଙ୍କ ଶପଥକରି କହୁଛି ଯେ, ମୋତେ ଅଲ୍ଲାଃତାଲା ଏବଂ ଆପଣଙ୍କ ଉପରେ ମୋର କୌଣସି ଆପତ୍ତି ଓ ଅଭିଯୋଗ ନାହିଁ । କିନ୍ତୁ ମୋର ପିତା ଜଣେ ନମ୍ର ସ୍ୱଭାବି, ସଚ୍ଚୋଟ ବ୍ୟକ୍ତି, ସଠିକ୍ ମତପ୍ରଦାନକରୀ ବ୍ୟକ୍ତି ଥିଲେ । ହେଲେ ତାଙ୍କ ଠାରେ କୌଣସି ମନ୍ଦ ଉଦ୍ଦେଶ୍ୟ ନଥିଲା ଏବଂ ମୁଁ ଏହା ଚାହୁଁଥିଲି ଯେ, ଅଲ୍ଲାଃତାଲା ମୋ ପିତାଙ୍କୁ ତାଙ୍କ ମୃତ୍ୟୁ ପୂର୍ବରୁ ଇସଲାମ୍ ଆଡ଼କୁ ପଥ ପ୍ରଦର୍ଶନ କରାନ୍ତୁ । କିନ୍ତୁ ଯେତେବେଳେ ମୁଁ ଏହା ଦେଖିବାକୁ ପାଇଲି ଯେ, ଏପରି ହେବା ଆଉ ସମ୍ଭବ ନୁହେଁ । ମୋତେ କେବଳ ଏହି କଥାଟି ବ୍ୟଥିତ କରିଛି ତାହାର (ମୋ ବାପାର) ଏହି ଦୁର୍ଦ୍ଦଶା ହେଲା ଯାହାକି ପୂର୍ବରୁ ନିୟତକୃତ ଥିଲା । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଅବୁ ହୁଜ୍ରୈଫାଙ୍କ ସପକ୍ଷରେ ପୁଣ୍ୟର ପ୍ରାର୍ଥନା କଲେ । ହଜ଼ରତ୍ ଅବୁ ହୁଜ୍ରୈଫା ର.ଅଙ୍କୁ ସମସ୍ତ ଯୁଦ୍ଧରେ ଆଁହଜ଼ରତ୍ ସ.ଅଙ୍କ ସହିତ ଯୁଦ୍ଧ କରିବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ହଜ଼ରତ୍ ଅବୁବକ୍କର ର.ଅଙ୍କ ଖିଲାଫତ୍ ଶାସନ କାଳରେ ୟମାମା ଯୁଦ୍ଧରେ ୫୩ କିମ୍ବା ୫୪ ବର୍ଷ ବୟସରେ ସେ ବୀରଗତି ପ୍ରାପ୍ତ କରିଥିଲେ ।

ହୁଜୁର୍ ଅନୱର୍ କହିଲେ : ବର୍ତ୍ତମାନ ମୁଁ ଆମ ଜମାଅତର ଜଣେ ନୈଷ୍ଠିକ ବୟସ୍କ ସେବକ ପ୍ରଫେସର ସଉଦ୍ ଅହମଦ୍ ସାହେବ ଦେହେଲୱିଙ୍କର ଚର୍ଚ୍ଚା କରିବି । ଯାହାଙ୍କର କିଛି ଦିନ ପୂର୍ବେ ଦେହାନ୍ତ ହୋଇଛି । ତାଙ୍କର ମୃତ୍ୟୁ ୨୧ ଜାନୁୟାରୀରେ ଈଶ୍ୱରଙ୍କ ନିର୍ଦ୍ଧାରିତ ଭାଗ୍ୟ ଅନୁଯାୟୀ ହୋଇଥିଲା । **ଇନ୍ନା ଲିଲ୍ଲାଃହି ୱ ଇନ୍ନା ଇଲୈହି ରାଜେଉନ୍** । ତାଙ୍କ ପିତାଙ୍କ ନାମ ହସନ୍ ଏହସାନ୍ ଦେହଲୱି ଥିଲା ଯେ କି ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ସାହାବାମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ସେହିପରି ତାଙ୍କର ଜେଜେବାପା ହଜ଼ରତ୍ ମେହମୁଦ୍ ହସନ୍ ଖାନ ସାହେବ୍ ଯେ କି ଜଣେ ଶିକ୍ଷକ ରୂପେ ପଟିୟାଲା ଠାରେ ଶିକ୍ଷକତା କରୁଥିଲେ ସେ ମଧ୍ୟ ହଜରତ୍ ମସିହ୍ ମଉଦ୍ ଅ,ସଙ୍କ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜ଼ରତ୍ ମସିହ୍ ମଉଦ୍ ଅ.ସ ନିଜର ୩୧୩ ଜଣ ସାହାବାମାନଙ୍କର ସୂଚୀପତ୍ରରେ ତାଙ୍କର ସ୍ଥାନ ୩୦୧ ନମ୍ବରରେ ଲିପିବଦ୍ଧ କରିଥିଲେ । ପ୍ରଫେସର ସଉଦ୍ ଅହମଦ ଖାନଙ୍କ ପିତା ହଜ଼ରତ୍ ମହମ୍ମଦ୍ ହସନ୍ ଏହସାନ୍ ସାହେବ୍ ଦେହଲୱିଙ୍କୁ ଦଶ ବାର ବର୍ଷ ବୟସରେ କାଦିୟାନ୍ ଯାଇ ହଜ଼ରତ୍ ମସିହ୍ ମଉଦ୍ ଅ.ସଙ୍କ ଭବ୍ୟ ନିଦର୍ଶନ ଖୁତବା ଇଲହାମିୟାକୁ ଶୁଣିବାର ଏବଂ ସ୍ୱଚକ୍ଷୁରେ ଦେଖିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ପ୍ରଫେସର ସଉଦ୍ ଖାନ ସାହେବ୍ ଏପ୍ରିଲ ମାସ ୧୯୪୫ ମସିହାରେ ନିଜ ଜୀବନକୁ ୱକ୍ଫ୍ (ଉତ୍ସର୍ଗ) କରିଥିଲେ । ସେ ଅଲ୍ଲୀଗଡ଼ ବିଶ୍ୱବିଦ୍ୟାଳୟରୁ ଫାରସୀ ଭାଷାରେ ବି.ଏ ଅନର୍ସ ପାସ କରିଥିଲେ । ତାଙ୍କ ସଙ୍ଗେ ସଙ୍ଗେ ତାଙ୍କ ଭାଇମାନଙ୍କ ଚର୍ଚ୍ଚା ସଂପର୍କରେ ହଜ଼ରତ୍ ମୁସଲେହ୍ ମଉଦ୍ ର.ଅ ୧୯୫୫ ମସିହାରେ ଏକ ଖୁତବା ଜୁମାରେ କହିଥିଲେ ଯେ, ମୁଁ ଭାବୁଛି ଯେ, ମାଷ୍ଟର ମହମ୍ମଦ୍ ହସନ୍ ଏହସାନ୍ ସାହେବ ଏପରି ଆଦର୍ଶ ପ୍ରଦର୍ଶନ କରିଛନ୍ତି ଯାହାକି ଅତ୍ୟନ୍ତ ପ୍ରଶଂସନୀୟ ଅଟେ । ସେ ଜଣେ ସାଧାରଣ ଶିକ୍ଷକ ଥିଲେ ଏବଂ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ଥିଲେ । ସେ ଅନେକ ଦିନ ଓ ଅନେକ କାଳ ଧରି ସ୍ୱୟଂ ଉପାସ ରହି ନିଜ ପିଲାମାନଙ୍କୁ ପାଠ ପଢାଇଛନ୍ତି ଏବଂ ସେମାନଙ୍କୁ ଗ୍ରାଜୁଏଟ୍ କରାଇଛନ୍ତି ଏବଂ ୭ ଜଣ ପୁତ୍ରଙ୍କ ମଧ୍ୟରୁ ୪ ଜଣଙ୍କୁ ଜମାଅତକୁ ହସ୍ତାନ୍ତର କରିଥିଲେ । ବର୍ତ୍ତମାନ ସେହି ଚାରିଜଣ ପୁତ୍ର ଅହୋରାତ୍ର ଜମାଅତେ ଅହମଦିୟାର ଧାର୍ମିକ ସେବା କରୁଛନ୍ତି । ହଜ଼ରତ୍ ଖଲିଫତୁଲ୍ ମସିହ୍ ଉସ୍ ସାନି ର.ଅ ସ୍ୱର୍ଗତ ସଉଦଙ୍କୁ ୧୯୫୦ ମସିହାରେ ଘାନାର ପଶ୍ଚିମ ଆଫ୍ରିକାରେ ଧାର୍ମିକ ସେବା ନିମନ୍ତେ ପ୍ରେରଣ କରିଥିଲେ । ୧୯୫୦ ମସିହାରେ ପୂର୍ବ ଓ ପଶ୍ଚିମ ଆଫ୍ରିକା ଏବଂ ହଲାଣ୍ଡ ପାଇଁ ଜମାଅତର ଆଠ ଜଣ ପ୍ରଚାରକଙ୍କ ପ୍ରସ୍ଥାନ ସଂପର୍କରେ ତେହରିକେ ଅହମଦିୟତରେ ତାଙ୍କର ନାମ ସୂଚୀର ସର୍ବାଗ୍ରେ ରହିଛି ।

ପ୍ରଫେସର ସଉଦ୍ ଖାନ୍ ସାହେବଙ୍କ ଦିଲ୍ଲୀର ଛାତ୍ରମାନଙ୍କ ମଧ୍ୟରେ ସମ୍ମାନନୀୟ ଅବ୍ଦୁଲ୍ ୱହାବ୍ ଆଦମ୍ ସାହେବ୍ ଘାନା ଏବଂ ବି.କେ ଆଡ଼ୋ ସାହେବ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ୧୯୬୮ ମସିହାରେ ପାକିସ୍ତାନ ପ୍ରତ୍ୟାବର୍ତ୍ତନ ପରେ ହଜ଼ରତ୍ ଖଲିଫତୁଲ୍ ମସିହ୍ ଉସ୍ ସାଲିସ୍ ର.ଅ ସମ୍ମାନନୀୟ ପ୍ରୋଫେସର ସଉଦ୍ ଖାନ ସାହେବ ଦେହଲୱିଙ୍କୁ ତାଲିମୁଲ୍ ଇସଲାମ୍ କଲେଜର ଶିକ୍ଷାଭାର ଦାୟୀତ୍ୱ ନ୍ୟସ୍ତ କରିଥିଲେ । ହଜ଼ରତ୍ ଖଲିଫତୁଲ୍ ମସିହ୍ ଉର୍ ରାବେ ର.ଅ ସଉଦ୍ ଖାନଙ୍କୁ ଯାମିଆ ଅହମଦିୟାରେ ଏକ ବର୍ଷ ପାଇଁ ଇଂଗ୍ରାଜୀ ଶିକ୍ଷକ ରୂପେ ନିଯୁକ୍ତ କରିଥିଲେ । ତାଙ୍କର ସୁପୁତ୍ରୀ ରାଶେଦା ସାହେବା ଉଲ୍ଲେଖ କରନ୍ତି ଯେ, ମୋ ପିତାଶ୍ରୀ ଅତ୍ୟନ୍ତ ବିନମ୍ର ଓ ନିସ୍ୱାର୍ଥପର ସ୍ୱଭାବ, ଅତ୍ୟନ୍ତ ଗୁଣୀ ଓ ଜ୍ଞାନବାନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ତହଜ୍ଜୁଦ୍ ପ୍ରିୟ ବ୍ୟକ୍ତି ଥିଲେ । ସେ ଅତିଥିମାନଙ୍କର ସଠିକ୍ ସତ୍କାରକ ଥିଲେ । ତାଙ୍କର ପୁତୁରା ନଫିସ୍ ଅହମଦ୍ ଯେ କି ଜମାଅତର ଜଣେ ପ୍ରଚାରକ ଅଟନ୍ତି, ସେ ଉଲ୍ଲେଖ କରନ୍ତି ଯେ, ସେ ଅତ୍ୟନ୍ତ ବିନମ୍ର ସ୍ୱଭାବୀ, ସଂଯମୀ ବ୍ୟକ୍ତି ଥିଲେ । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଗଭୀର ଆସ୍ଥା ରହିଥିଲା ଏବଂ ସେ ଜଣେ ସରଳ ଜୀବନଯାପନ କରୁଥିବା ବ୍ୟକ୍ତି ଥିଲେ । ତାଙ୍କର ପ୍ରତିଜ୍ଞା ଏବଂ ଧାର୍ମିକ ସେବାର ମନୋବୃତ୍ତି ଓ ଉତ୍ସାହ ଆମ ସମସ୍ତ ୱାକ୍‌ଫିନେ ଜିନ୍ଦେଗୀଙ୍କ ନମିନ୍ତେ ଏକ ଆଦର୍ଶ ସଦୃଶ ।

ହୁଜୁର୍ ଅନୱର୍ କହିଲେ ଯେ, ତାଙ୍କ ସଂପର୍କରେ ଯାହା ଅନ୍ୟମାନେ ମତବ୍ୟକ୍ତ କରିଛନ୍ତି ବାସ୍ତବରେ ତା' ଠୁ ବି ଅଧିକ ସୁଗୁଣର ସେ ଅଧିକାରୀ ଥିଲେ । ତାଙ୍କର ଖିଲାଫତ୍ ସହିତ ଅତୀବ ପ୍ରେମ ଏବଂ ଆଜ୍ଞାନୁବର୍ତ୍ତିତା, ଆଜ୍ଞାବହତାର ସଂପର୍କ ଥିଲା । ତାଙ୍କର ଅସାଧାରଣ ସ୍ତର ରହିଥିଲା । ଅଲ୍ଲାଃତାଲା ତାଙ୍କର ସନ୍ତାନସନ୍ତତି ଓ ବଂଶଧରମାନଙ୍କୁ ମଧ୍ୟ ଖିଲାଫତ୍ ସହିତ ଯୁଗଯୁଗ ଧରି ସୁଦୃଢ ସଂପର୍କ ରକ୍ଷା କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗପୁରରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । (ଆମିନ୍) । ନମାଜ୍ ପରେ ମୁଁ ତାଙ୍କର ନମାଜେ ଜନାଜ଼ା ଗାଏବ୍  ପଢେଇବି ।

**KHULASA KHUTBA JUMA HUZOOR ANWAR a.b.a**

**..................................................................**

**1St February 2019**

**...................**